## ଟ୍ରେନ୍‌ରୁ କୋଇଲା କାଢୁଥିବା ବେଳେ ପୋଡ଼ି ହୋଇ ମହିଳା ଗୁରୁତର

ପଦ୍ମପୁର,(ଡି.ଏନ.ଏ.)- ଭଦ୍ରକ ଜିଲା ବାଲିବିଲି ଗ୍ରାମର ଜଣେ ମହିଳା ଗୁରୁବାର ଅପରାହ୍ନରେ ଧାମରାରୁ ଟ୍ରେନରେ ଆସୁଥିବା କୋଇଲାକୁ ଚଢ଼ି କାଢୁଥିବା ବେଳେ ୧୧ କେଭି ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ମଞ୍ଜୁ ମଲିକ (୫୦)। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଆକ୍ରମଣ ମାମଲାରେ ଦୋଷୀଙ୍କୁ ୨ବର୍ଷ ଜେଲ

ବାରିପଦା ଅଫିସ,୧୪।୭-ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଦୌରା ଜଜ(୧)ଙ୍କ କୋର୍ଟରେ ଗୁରୁବାର ଏକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ ପ୍ରବୀର କୁମାର ଚୌଧୁରୀ ଏହାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ ପରେ ଦୁଇ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୪ହଜାର ୫ଶହ ଟଙ୍କା ଜରିମାନା ଓ ମୃତକଙ୍କ ସ୍ତ୍ରୀଙ୍କୁ ୪ହଜାର ଟଙ୍କା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ଚାନ୍ଦୁଆ ଥାନା କଠାବିଲା ଅଞ୍ଚଳର ସାଲଖୁ ମୁର୍ମୁ(୩୭)। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ନଭେମ୍ବର ୧୧ରେ କୌଣସି କାରଣକୁ ନେଇ ମୃତକ ଗୋବିନ୍ଦ ମୁର୍ମୁ ଓ ସାଲଖୁଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏଥିରେ ସାଲଖୁ ଉତ୍ତ୍ୟକ୍ତ ହୋଇ ଗୋବିନ୍ଦଙ୍କ ତଣ୍ଟିକୁ ଧରି ଠେଲିଦେବାରୁ ସେ ତଳେ ପଡ଼ିଯାଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ବିଶ୍ୱନାଥ ମୁର୍ମୁ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୨/୨୦) ରୁଜୁ କରିଥିଲା। ଏହି ମାମଲାକୁ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

### ବାଲିମେଦରେ ସଂଯୁକ୍ତା, ସାବରଙ୍ଗରେ ପ୍ରମୋଦ ହେଲେ ସଭାପତି

ପଦ୍ମପୁର,୧୪।୭(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ସେବା ସମବାୟ ସମିତିରେ ୧୫ଟି ଜୋନ୍‌ରୁ ୮ ଜଣଙ୍କ ସମର୍ଥନରେ ସଂଯୁକ୍ତା ନାୟକ ସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି ବାସୁଦେବପୁର ସେବା ସମବାୟ ସମିତିର ବିଜେଡ଼ି ସମର୍ଥିତ ପ୍ରାର୍ଥୀ ଶରତ କୁମାର ବାରିକ ୧୫ ଜୋନ୍‌ରୁ ୧୦ଜଣ ସଭ୍ୟଙ୍କର ସମର୍ଥନରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବିନାୟକପୁର ସେବା ସମବାୟ ସମିତିରେ ୭ ସଭ୍ୟଙ୍କର ସମର୍ଥନ ପାଇ ବ୍ରଜକିଶୋର ବାରିକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଭଦ୍ରକ ବ୍ଲକର ସାବରଙ୍ଗ ସେବା ସମବାୟ ସମିତିରେ ୧୫ ଜୋନ୍‌ରୁ ୮ ଜଣ ସଭ୍ୟଙ୍କର ଭୋଟ ପାଇ ପ୍ରମୋଦ କୁମାର ଦାସ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଶ୍ରୀଧର ନାୟକ, ତନ୍ମୟ କୁମାର ମଲ୍ଲିକ, ବନମାଳୀ ମହାକୁଡ଼, ରତିକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ଅନନ୍ତ ଆଶ୍ରମରେ ଗୁରୁପୂଜନ

ବାସୁଦେବପୁର, ୧୪।୭(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁରର ଚୁଡ଼ାମଣି-ପଞ୍ଚୁରିଖି ଗ୍ରାମ ସ୍ଥିତ ବାବା ବଳିଆ ଶିଶୁ ଅନନ୍ତ ଆଶ୍ରମରେ ପବିତ୍ର ବ୍ୟାସ ପୂର୍ଣ୍ଣିମା ଅବସରରେ ଗୁରୁପୂଜନ ବୁଧବାର ଅନୁଷ୍ଠିତ ହୋଇଛି। ଭକ୍ତମାନେ ଗୁରୁପୂଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାବା ବଳିଆ ଓ ଶିଶୁ ଅନନ୍ତଙ୍କ ଫଟୋଚିତ୍ରକୁ ସୁସଜ୍ଜିତ କରାଯାଇଥିବା ବେଳେ ଭକ୍ତ ମାନେ ଭକ୍ତି ପ୍ରଣାମ କରିଥିଲେ। ଏନେଇ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାସୁଦେବପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ସାମିଲ ହୋଇ ଆଶ୍ରମ ପରିସରରେ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ପ୍ରସାଦ ବାରିକ, ପ୍ରଫୁଲ୍ଲ ମହାନ୍ତି, ନବୀନ ମଣ୍ଡଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ସ୍ଲିପର କାରଖାନା

**ନୀଳଗିରି, ୧୪।୭(ସ୍ୱ.ପ୍ର.)**

ଦୀର୍ଘ ୧୫ବର୍ଷ ଧରି ବନ୍ଦ ରହିଥିବା ବାଲେଶ୍ୱର ଜିଲା ନୀଳଗିରି ଗୋପୀନାଥପୁରଠାରେ ଥିବା ସ୍ଲିପର ପ୍ରାଇଭେଟ୍ ଲିମିଟେଡ୍ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାର ଆଶା ସଞ୍ଚାର ହୋଇଛି। ଗୁରୁବାର ନୂଆ ପରିଚାଳନା ଟିମ୍, କେତେଜଣ ଶ୍ରମିକଙ୍କ ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ତଥା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାରଖାନା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ଏମ୍‌ପି ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଗୁରୁବାର ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

ଶ୍ରମିକଙ୍କ ଦରମା ବୃଦ୍ଧି ନେଇ କାରଖାନା ମାଲିକ ଓ ଶ୍ରମିକମାନଙ୍କ ମଧ୍ୟରେ ତିକ୍ତତା ଲାଗି କାରଖାନା ବନ୍ଦ ରହିବାରୁ ଶତାଧିକ ପରିବାର ସେମାନଙ୍କ ଜୀବିକା ହରାଇଥିଲେ। ଏହି ସ୍ଲିପର କାରଖାନା ଚାଲୁଥିବା ବେଳେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଶହ ଶହ ପରିବାର ଏହା ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଉଥିଲେ। କାରଖାନାକୁ କାର୍ଯ୍ୟକ୍ଷମ କରିବା ପାଇଁ ଏମ୍‌ପି ଷଡଙ୍ଗୀଙ୍କ ନିକଟରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଦାବି ଉପସ୍ଥାପନ କରିଆସୁଥିଲେ। ଏହାକୁ ନେଇ ଏମ୍‌ପି ଷଡଙ୍ଗୀ ଗୁରୁତ୍ୱ ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଯଦି ନୀଳଗିରି ସ୍ଲିପର କମ୍ପାନୀକୁ ଚଲାଇପାରୁନାହାନ୍ତି ତେବେ ତାହାକୁ ଅନ୍ୟ କୌଣସି କମ୍ପାନୀକୁ ହସ୍ତାନ୍ତର କରି କାର୍ଯ୍ୟକ୍ଷମ କରିବାକୁ ନିବେଦନ କରିଥିଲେ। ଏବେ ନୀଳଗିରି ସ୍ଲିପର କର୍ତ୍ତୃପକ୍ଷ ରାଘବେନ୍ଦ୍ର ରେଳ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ସହ ଚୁକ୍ତିନାମା କରି ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିଥିବାରୁ ଏହି କମ୍ପାନୀ ପୁନଃ କାର୍ଯ୍ୟକ୍ଷମ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି।


ନୂଆ ପରିଚାଳନା ଟିମ୍ , ଶ୍ରମିକଙ୍କ ସହ ଏମ୍‌ପି ପ୍ରତାପ ଷଡଙ୍ଗୀ।

### ପରିଦର୍ଶନ କଲେ ନୂଆ ପରିଚାଳନା ଟିମ୍

# ଶହୀଦ ସମାଧି ପୀଠରେ କେନ୍ଦ୍ରମନ୍ତ୍ରୀ


ଶହୀଦ ପୀଠରେ କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

### ବାସୁଦେବପୁରରୁ ଇରମକୁ ବାଇକ୍ ଶୋଭାଯାତ୍ରା

**ବାସୁଦେବପୁର,୧୪।୭(ଡି.ଏନ.ଏ.)**

କେନ୍ଦ୍ର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର ଗୁରୁବାର ବାସୁଦେବପୁର ସହର ସ୍ଥିତ ହାଇସ୍କୁଲ ଛକଠାରେ ପହଞ୍ଚିବା ପରେ ଭାଜପା କର୍ମକର୍ତ୍ତାମାନେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ବାଇକ୍ ରାଲିରେ ବାସୁଦେବପୁରଠାରୁ ଇରମ ଶହୀଦ ପୀଠ ପର୍ଯ୍ୟନ୍ତ ନିଆଯାଇଥିଲା। ରାସ୍ତାରେ ଚୁଡ଼ାମଣି ବଜାରଠାରେ ଥିବା ଲବଣ ତୀର୍ଥ ସ୍ମାରକୀ ସ୍ମୃତି ସ୍ତମ୍ଭ, ନାଞ୍ଜିପଦା ହାଟଠାରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିଥିଲେ। ଇରମରେ ଅପରାହ୍ନ ପ୍ରାୟ ୧ ଘଟିକାରେ ପହଞ୍ଚି ଶହୀଦ ସମାଧିପୀଠରେ ୨୯ଜଣ ଶହୀଦଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ଠାକୁର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ସ୍ମୃତିସ୍ତମ୍ଭ ନିକଟରେ ଥିବା କବି ବାଞ୍ଛାନିଧି ମହାନ୍ତି, ଉତ୍କଳମଣୀ ଗୋପବନ୍ଧୁ ଦାଶ, ସଂଗ୍ରାମୀ ଗଣେଶ ତ୍ରିପାଠୀ, ଅନିରୁଦ୍ଧ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ସିପ୍ରା ବାଜପାୟୀ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ, ବିରଞ୍ଚି ତ୍ରିପାଠୀ, ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାଧବାନନ୍ଦ ମଲିକ, ମନସ୍ମିତା ଖୁଣ୍ଟିଆ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ଲୋକସଭା ସଂଯୋଜକ ଈଶ୍ୱର ଦାସ, କିଶୋର କୁମାର ମହାପାତ୍ର, ପୂର୍ବତନ ପୌରପାଳିକା ଅଧ୍ୟକ୍ଷ ପଞ୍ଚାନନ ସେନାପତି, କାଉନସିଲର ଜଗବନ୍ଧୁ ଦାସ, ପୂର୍ବତନ ସରପଞ୍ଚ କୈଳାସ ପଣ୍ଡା, କମଳାକାନ୍ତ ବାରିକ ପ୍ରମୁଖ ଶହୀଦ ପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଠାକୁରଙ୍କୁ ଇରମ ସରପଞ୍ଚ ସାବିତ୍ରୀ ବଳ, ସମିତିସଭ୍ୟ ଲଗ୍ନିକା ମଲିକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଇରମକୁ କେନ୍ଦ୍ର ସରକାର ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବାକୁ ଏକ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

# ସମର୍ପଣ ଭାବ ହିଁ ମୁକ୍ତି ଆଣିଦିଏ


ମୁଖ୍ୟ ଅତିଥିଙ୍କ ଗହଣରେ ଭଜନ ପରିବେଷଣ ହେଉଛି।

**ରୂପସା,୧୪।୭(ଡି.ଏନ.ଏ.)**

### ଗୁରୁପୂର୍ଣ୍ଣିମା ମହୋତ୍ସବ

ସମସ୍ତଙ୍କ ପାଇଁ ଗୁରୁଙ୍କ ପ୍ରୟୋଜନ ରହିଛି। ଗୁରୁ ହିଁ ଜୀବନକୁ ସତ୍‌ମାର୍ଗରେ ପରିଚାଳନା କରିଥାନ୍ତି। ତ୍ୟାଗ ଓ ସମର୍ପଣ ଭାବ ଦ୍ୱାରା ମୁକ୍ତି ମିଳିଥାଏ ବୋଲି ମୁଖ୍ୟଅତିଥି କବି ତଥା ସୁବର୍ଣ୍ଣଶ୍ରୀ ପତ୍ରିକା ସମ୍ପାଦକ କାଳିପଦ ପଣ୍ଡା ଯୋଗଦେଇ ଗୁରୁ ପୂର୍ଣ୍ଣିମା ମହୋତ୍ସବରେ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ରୂପସା ଏଫ୍‌ସିଆଇ ନିକଟ ମନ୍ତ୍ରୀଡ଼ାହିସ୍ଥିତ ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷାଶ୍ରମର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାଣିଙ୍କ ପୌରୋହିତ୍ୟରେ ୨୧କୁଣ୍ଡୀୟ ବୈଦିକ ଅଗ୍ନିହୋତ୍ର ଯଜ୍ଞ, ଆଧ୍ୟାତ୍ମିକ ଭଜନ ସନ୍ଧ୍ୟା, ଗୁରୁଦିବସୀୟ ଅନୁଚିନ୍ତା ଓ ମେଧାବୀ ଛାତ୍ରୀଛାତ୍ର ସମୃଦ୍ଧି ଯୋଜନା ଅନୁଷ୍ଠିତ ହୋଇଥିଲା। ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ଜୟକୃଷ୍ଣ ବେହେରା, ସଙ୍ଗୀତକାର ବିଷ୍ଣୁପଦ ବେହେରା ଓ ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ଗୁରୁ, ଶିଷ୍ୟଙ୍କ ନିବିଡ଼ ସମ୍ପର୍କ ଦ୍ୱାରା ସୁସ୍ଥସମାଜ ଗଠନ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ଛାତ୍ରୀଛାତ୍ର ଚନ୍ଦନ, ସିନ୍ଦୁର ଓ ପୁଷ୍ପମାଲ୍ୟ ଦେଇ ଗୁରୁପୂଜନ କରି ଆଶିଷ ଲଭିଥିଲେ। ସଙ୍ଗୀତ ଅଧ୍ୟାପକ ଅର୍ଜୁନ କୁମାର ଦଳାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଣ୍ଠଶିଳ୍ପୀ ନିମାଇଁ ଚରଣ, ଦୀପ୍ତରାଗ, ଦେବସ୍ମିତା ଓ ଅର୍ପିସ୍ମିତା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଆଶ୍ରମ ଗୁରୁମା ଓ ଅନ୍ତେବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଦେଶୀ ମଦ ଜବତ, ୨ ଗିରଫ

**ଧାମନଗର,୧୪।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ ମଦ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରିଛି। ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ଭଣ୍ଡାରିପୋଖରୀ ବ୍ଲକର ଝୁଟୁଣା, ନେରଡ଼ା, ଆଖୁଆପଦା, ଡାହାଲା, ମଞ୍ଜୁରୀ ଓ ସରସଦା ଅଞ୍ଚଳରେ ଚଢ଼ାଉ କରି ୭୫ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝୁଟୁଣା ଗ୍ରାମର ଅଭିରାମ ଜେନା, ନେରଡ଼ା ଗ୍ରାମର ହରେକୃଷ୍ଣ ମଲିକ। ଏହି ଚଢ଼ାଉରେ ଏଏସ୍‌ଆଇ ପୁରୁଷୋତ୍ତମ ମଲ୍ଲିକ, କନେଷ୍ଟବଳ ଅଜିତ କୁମାର ସିଙ୍ଘ, ରମେଶ ନାୟକ, ଅନବାଦିତ୍ୟ ବାରିକ, ଶିବପ୍ରସାଦ ସାହୁ, ଜେମାମଣୀ ଜାମୁଡ଼ା, ସନ୍ଧ୍ୟାରାଣୀ ସେନାପତି ପ୍ରମୁଖ ସାମିଲ ଥିଲେ। ଏନେଇ ସମ୍ପର୍କରେ ଧାମନଗର ଅବକାରୀ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି।

# ବହୁ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସଞ୍ଜୟ


ସ୍ମୃତିଚାରଣ ସଭାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୧୪।୭**

ଭଦ୍ରକ ବ୍ଲକ୍ କୋର୍କରା ପଞ୍ଚାୟତର ସଞ୍ଜୟ କୁମାର ଜେନା (୫୧) ଜଣେ ଯୁବ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ ଭଳି ଜଣେ ଯୁବ ନେତୃତ୍ୱଙ୍କ ଅକାଳ ବିୟୋଗ କେବଳ ଏ ଅଞ୍ଚଳ ନୁହେଁ ଭଦ୍ରକ ପାଇଁ ଏକ ବିରାଟ ଶୂନ୍ୟତା ସୃଷ୍ଟି କଲା ବୋଲି ବୁଧବାର ସନ୍ଧ୍ୟାରେ ଏକାଦଶାହ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱ ଏବଂ ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ଓ ସାମାଜିକକର୍ମୀ ଅରୂପ କୁମାର ଦଳାଇଙ୍କ ସଂଯୋଜନାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉର୍ମିଳା ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାକେଶ ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କବି ପ୍ରମୋଦ ରାୟଙ୍କ ରଚିତ 'ବିନ୍ଦୁର ସ୍ମୃତିରେ' କବିତା ପାଠ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଲାୟନ୍ସ କ୍ଲବ୍‌ର ସଭାପତି ଅଶୋକ ମହାନ୍ତି,ଏମ୍‌ପିଙ୍କ ପ୍ରତିନିଧି ପ୍ରଣୟ କୁମାର ଦାସ, ଶିକ୍ଷାବିତ୍ ଗିରିଶ ବିହାରୀ ମିଶ୍ର, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ଡା. ରବୀନ୍ଦ୍ର କୁମାର ନାୟକ, ସୀମାନ୍ତ ମଙ୍ଗରାଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ବିଶିଷ୍ଟ ସାମାଜିକ କର୍ମୀ ଫାରୁକ ଭାଇ, ସାମାଜିକକର୍ମୀ ସୁଧାକର ରାଉତ, ଜିଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ, ପୌର ଅଧ୍ୟକ୍ଷା ଗୁଲମକ୍କୀ ହବିବ୍, ବିଜେଡି ଯୁବନେତା ତଥାଗତ ସାମଲଙ୍କ ସମେତ ବହୁ ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

# ଜବତ ଧାନ ବୋଝେଇ ଟ୍ରକ୍‌କୁ ଛାଡ଼ିଲା ଯୋଗାଣ ବିଭାଗ

**ପାଟଣା/ଢେଙ୍କିକୋଟ, ୧୪।୭(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଜାତୀୟ ରାଜପଥ ୨୨୦ ନଂ ଟିକିରା ଗ୍ରାମ ଓ ପାଟଣା ବ୍ଲକ, ମଙ୍ଗଳପୁର ଗ୍ରାମ ନିକଟରେ ଗତ ଗୁରୁବାର ଜିଲା ଯୋଗାଣ ବିଭାଗର ଏକ ୬ ଜଣିଆ ଟିମ ବେଆଇନ ଭାବେ ଦୁଇଟି ଧାନ ବୋଝେଇ ଟ୍ରକ୍‌କୁ ଅଟକାଇ ଜବତ କରି ପାଟଣା ବ୍ଲକ ଗୁଲୁଦୀପଶି ସ୍ଥିତ ବୈତରଣୀ ରାଇସ ମିଲରେ ରଖିଥିଲେ। ଘଟଣା ସମ୍ପର୍କରେ ଧାନ ବିକ୍ରି କରିଥିବା ଚାଷୀ ମାନେ ଜାଣିବା ପରେ ରାଇସ ମିଲ ସମ୍ମୁଖରେ ପହଞ୍ଚି ଧାନ ବୋଝେଇ ଟ୍ରକ୍‌କୁ କାହିଁକି ଅଟକ ରଖିଛ ବୋଲି ହୋହାଲ୍ଲା କରିଥିଲେ।

ଏହି ଧାନ ଗୁଡିକୁ ପଶ୍ଚିମବଙ୍ଗର କେତେକ ବ୍ୟବସାୟୀ ଖୋଲା ବଜାରରୁ କିଣିଥିଲେ। ତେବେ ଜବତ ହୋଇଥିବା ୫ ଶହ ୫୦ କୁଇଣ୍ଟାଲ ଧାନ ଓ ୨ ଟ୍ରକ୍‌କୁ ଯୋଗାଣ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବୁଧବାର ଛାଡି ଦିଆଯାଇଛି। ଏନେଇ ଧରିତ୍ରୀରେ ଗତ ଶୁକ୍ରବାର ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପରେ ଜିଲାରେ ଚାଷୀକୁଳଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଚାଷୀ ମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲାର ଛାମୁଆ ବିଜେଡି ନେତା ମାନେ ପ୍ରଶାସନ ଉପରେ ଚାପ ପକାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏନେଇ ଜିଲା ଯୋଗାଣ ଅଧିକାରୀ ବସନ୍ତ ପଣ୍ଡାଙ୍କୁ ପଚାରିବାରୁ ମୋବାଇଲ ଯୋଗେ ଜଣେ ବ୍ୟକ୍ତି ଆମକୁ ବେଆଇନ ଭାବେ ଚାଷୀ ମାନଙ୍କ ଠାରୁ କମ ଦରରେ ଧାନଖରିଦ ହୋଇ ରାଜ୍ୟ ବାହାଇକୁ ରପ୍ତାନି ହେଉଛି ବୋଲି ଅଭିଯୋଗ ହେବାପରେ ଧାନ ସହ ୨ ଟ୍ରକ୍‌କୁ ଜବତ କରାଯାଇଥିଲା। ହେଲେ ତଦନ୍ତ ବେଳେ ଚାଷୀ ମାନେ ଭ୍ୟାଲିଡ୍ ଡକ୍ୟୁମେଣ୍ଟ ଦେଖାଇଥିଲେ। ଚାଷୀ ମାନେ ସେମାନେ ବିକ୍ରି କରିଥିବା ଧାନ କାଗଜ ଓ ବ୍ୟବସାୟୀଙ୍କ ଠାରୁ ପାଇଥିବା ଚେକ ଦେଖାଇଥିଲେ। ଯାଞ୍ଚ ବେଳେ ଜଣା ପଡ଼ିଛି ଯେ ଖରିଫ ଋତୁରେ ଲାପସ ହୋଇଥିବା ଟୋକନର ହେଉଛି ଉକ୍ତ ଧାନ।

ସୂଚନା ଯୋଗ୍ୟ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ସବ୍ୟସାଚୀ ବସ୍ତିଆ, ବୀରକିଶୋର ମାରାଣ୍ଡି, ସଦର ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ପାଟଣାର ବିଦ୍ୟୁତ ଲତା ନାୟକ, ଘଟଗାଁ ର ବାଜି ନାଥ ମାହାଲୀ, ହେଡକ୍ୱାର୍ଟରର ସନ୍ଦୀପ ପରିଜା ପ୍ରମୁଖ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଧାନ ଜବତ ହୋଇଥିଲା।


ଯୋଗାଣ ବିଭାଗ ପକ୍ଷରୁ ଛଡାଯାଇଥିବା ଟ୍ରକ।

# କଟକଣା ସତ୍ତ୍ୱେ ବି ଚାଲିଛି ପଲିଥିନ ବ୍ୟବହାର

**ଚମ୍ପୁଆ, ୧୪।୭(ଡି.ଏନ.ଏ.)**

ପଲିଥିନ ବ୍ୟବହାର ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ସାଜିଥିବା ବେଳେ କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଏକକ ପଲିଥିନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ଜୁଲାଇ ୧ ତାରିଖରୁ ଏହା ଉପରେ କଟକଣା ଲାଗୁ କରାଯାଇଥିଲେ ମଧ୍ୟ ଚମ୍ପୁଆ ଏନ୍‌ଏସିରେ ଏହାର ବିଡମ୍ବନା ଦେଖିବାକୁ ମିଳିଛି। ପୂର୍ବରୁ ଖୋଲାଖୋଲି ଭାବେ ବ୍ୟବହାର କରାଯାଉଥିବା ପଲିଥିନ ଏବେ ଲୁଚାଛପାରେ ମଧ୍ୟ ବ୍ୟବହାର କରାଯାଉଛି। ପୂର୍ବରୁ ଏନେଇ ବହୁବାର ଚଢାଉ ଅଭିଯାନ କରାଯାଇଥିଲେ ମଧ୍ୟ ପୂର୍ବ ପରିସ୍ଥିତି ଲାଗି ରହିଛି। କିଛିଦିନ ତଳେ ଏନ୍‌ଏସି ପକ୍ଷରୁ ଏକ ସଚେତନତା ବାର୍ତ୍ତା ବହନ କରାଯାଇ ଲୋକଙ୍କୁ ଏକକ ପଲିଥିନ, ଥର୍ମୋକଲ ଆଦି ବ୍ୟବହାର ନ କରିବାକୁ ସୂଚନା ଦିଆଯାଇଥିଲା। ଏସମ୍ପର୍କରେ ଏନଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚାରିବାରୁ ଏନେଇ ଏକ ଟିମ୍ ଗଠନ କରାଯିବ ଏବଂ ଚଢାଉ କରାଯିବା ସହିତ ଜରିମାନା କରାଯିବ। ଖୁବଶୀଘ୍ର ଏନ୍‌ଏସିକୁ ବେଆଇନ ପଲିଥିନ ମୁକ୍ତ ସହର କରିବା ପାଇଁ ଯଥାସାଧ୍ୟ କାର୍ଯ୍ୟକ୍ରମ କରାଯିବ ବୋଲି ମତ ଦେଇଛନ୍ତି।


ରାସ୍ତାକଡରେ ଜମା ହୋଇଥିବା ପଲିଥିନ।

# ଷ୍ଟାଫ୍ ନର୍ସଙ୍କ ଭରସାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର

**ମୋରଡ଼ା,୧୪।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଉପାନ୍ତ ଅଞ୍ଚଳ ଜୁଆଳିଭଙ୍ଗା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଡାକ୍ତର ଓ ଫାର୍ମାସିଷ୍ଟ ନ ଥିବା ଯୋଗୁ ଷ୍ଟାଫନର୍ସଙ୍କ ଭରସାରେ ଚାଲିଛି ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର।

ବ୍ଲକର ମୁଖ୍ୟାଳୟ ଚିତ୍ରଡ଼ା ଡାକ୍ତରଖାନାଠାରୁ ୧୩ କି.ମି. ଓ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୨୦ କି.ମି. ଦୂରରେ ଥିବାରୁ ଉକ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉପରେ ଜୁଆଳିଭଙ୍ଗା,ଡାହିସାହି, ଭୈରଙ୍ଗୀଶୋଳ,ପୂର୍ଣ୍ଣଚନ୍ଦ୍ରପୁର,ମାକୁନ୍ଦ ଆଦି ୫ଟି ଗାଁର ପ୍ରାୟ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଲୋକେ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଦୁଇଜଣ ନର୍ସଙ୍କୁ ନେଇ ଚାଲୁଥିବା ବେଳେ ଦାୟିତ୍ୱରେ ଅଛନ୍ତି ଷ୍ଟାଫ ନର୍ସ ଶୁଭସ୍ମିତା ପ୍ରଧାନ। ପ୍ରତିଦିନ ଆସୁଥିବା ରୋଗୀଙ୍କୁ ଦେଖି ସେ ଔଷଧ ମଧ୍ୟ ଦିଅନ୍ତି। ତେଣୁ ଯଥାଶୀଘ୍ର ଜଣେ ଡାକ୍ତର କିମ୍ବା ଫାର୍ମାସିଷ୍ଟଙ୍କୁ ଏଠାରେ ନିଯୁକ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ପାଣି, ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଫଳରେ ଆସୁଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ଏଦିଗରେ ଯଥାଶୀଘ୍ର ଦୃଷ୍ଟି ଦେବାକୁ ଦାବି ଜୋର ଧରିଛି। ଏ ସଂକ୍ରାନ୍ତରେ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁଙ୍କୁ ପଚାରିବାରୁ ଉକ୍ତ ଷ୍ଟାଫ ନର୍ସମାନଙ୍କୁ କମ୍ୟୁନିଟି ହେଲଥ୍ ଅଫିସର କାର୍ଯ୍ୟର ତାଲିମ ଦିଆଯାଇଛି। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ଏମାନେ ଡାକ୍ତର କିମ୍ବା ଫାର୍ମାସିଷ୍ଟଙ୍କ କାର୍ଯ୍ୟ କରିପାରିବେ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀଘ୍ର ବିଦ୍ୟୁତ୍ ଓ ପାଣିର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ଜୁଆଳିଭଙ୍ଗା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର।

## ସଂକ୍ଷେପରେ

### ବୈଶିଙ୍ଗା ଲାମ୍ପସ୍ ଉପ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବୈଶିଙ୍ଗା,୧୪।୭(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଲାମ୍ପସ୍ ଉପସଭାପତି ନିର୍ବାଚନ ଶେଷ ହୋଇଛି। ନିର୍ବାଚନ ଅଧିକାରୀ ଭୁବନେଶ୍ୱର ବେହେରା ଏହାକୁ ପରିଚାଳନା କରିଥିଲେ। ବୁଧୁନି ସିଂ ଏକମାତ୍ର ପ୍ରାର୍ଥିନୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ପ୍ରସ୍ତାବକ ଭାବେ ଚତୁର୍ଭୁଜ ପୁଷ୍ଟି ଏବଂ ସମର୍ଥକ ଭାବେ ଗୌରମୋହନ ସିଂ ସହମତି ଜଣାଇଥିଲେ। ପରିଶେଷରେ ନିର୍ବାଚନ ଅଧିକାରୀ ବୁଧୁନିଙ୍କୁ ନିର୍ଦ୍ୱନ୍ଦ୍ୱରେ ଉପ ସଭାପତି ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ନିର୍ବାଚନୀ ପ୍ରକ୍ରିୟାରେ ସଭାପତି ଶତ୍ରୁଘ୍ନ ସିଂଙ୍କ ସମେତ ପରିଚାଳନା କମିଟିର ସମସ୍ତ ନିର୍ଦ୍ଦେଶକ ସର୍ବଶ୍ରୀ ରବିନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚତୁର୍ଭୁଜ ପୁଷ୍ଟି , ମିଟିକ ସିଂ, ଗୌର ମୋହନ ସିଂ, ରବୀନ୍ଦ୍ର ସିଂ, ଅଲେଖ ସିଂ, ଫୁଲମଣି ସିଂ, ରଘୁନାଥ ସିଂ ଏବଂ ସୁଦର୍ଶନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ପରେ ପ୍ରଥମ ପରିଚାଳନା ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା।

### ପରିବେଶ ସୁରକ୍ଷା ପାଇଁ ଚାରାରୋପଣ

ଧାମନଗର, ୧୪।୭ (ଡି.ଏନ.ଏ): ଭଦ୍ରକ ଜିଲା ଧାମନଗର ଏନ୍ଏସି ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଗୁରୁବାର ବିଜେଡିର ୨୫ତମ ବର୍ଷ ପୂରଣ ଅବସରରେ ଯୁବ ବିଜେଡ଼ି ନଗର ପକ୍ଷରୁ ଚାରାରୋପଣ କରାଯାଇଥିଲା। ନଗର ଯୁବ ସଭାପତି ସେକ ସୟଫୁଦ୍ଦିନ ଓ ବ୍ଲକ ଛାତ୍ର ସଭାପତି ତୁଷାରକାନ୍ତ ମହାପାତ୍ରଙ୍କ ମିଳିତ ଉଦ୍ୟମରେ ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଲା ବିଶ୍ୱାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଏନ୍ଏସି ଅଧ୍ୟକ୍ଷ ନିବେଦିତା ଜେନା, ଉପାଧ୍ୟକ୍ଷ ସେକ ନୁରାନି ପ୍ରମୁଖ ଯୋଗଦେଇଥିଲେ। ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ଯୁବସଭାପତି ଭାରତ ବିଜୟ ଦଳାଇ, ନଗର ସଭାପତି ସୁଶାନ୍ତ କୁମାର ରାଉତ, ହରେକୃଷ୍ଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

### ସରସଦା ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ଭଣ୍ଡାରିପୋଖରୀ,୧୪।୭(ସ୍ୱ.ପ୍ର.)- ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ଉଚ୍ଚ ବିଦ୍ୟାଳୟରେ ଗ୍ରାମ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗଦାଧର ଜେନାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଣତି କୁମାର ସାମଲ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ କାର୍ତ୍ତିକ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଏମ୍ପିଙ୍କ ପ୍ରତିନିଧି ଲଳିତ କୁମାର ରାଉତ, ସରପଞ୍ଚ ରମେଶ ଜେନା କମଳା ଜେନା, ଦିଲୀପ ସାମଲ, ସିଆରସିସି ଗୌରାଙ୍ଗ ନାଥ,ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇ ଶତ ପ୍ରତିଶତ ବିଦ୍ୟାର୍ଥୀ ପାସ କରିଥିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ବିଜେଡି ପକ୍ଷରୁ ଚାରାରୋପଣ

ପାଟଣା,୧୪।୭(ସ୍ୱ.ପ୍ର.): ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ଅବସରରେ ଗୁରୁବାର କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ବାଲିସାହି ପ୍ରାଥମିକ ବିଦ୍ୟାଳୟର ପରିସରରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ,୨୧ ନଂ ଜୋନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାଏକ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ପାଟଣା ବ୍ଲକ ଯୁବବିଜେଡି ସଭାପତି ରଘୁବର ମହାନ୍ତ, ବିଜେଡି ବରିଷ୍ଠ ନେତା ରତନ କୁମାର ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

### ଗୁରୁପୂର୍ଣ୍ଣିମା ପାଳିତ

ଭଣ୍ଡାରିପୋଖରୀ, ୧୪।୭(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ଶ୍ରୀ ରାଧା ଗୋବିନ୍ଦ ଧାମ ଠାରେ ପବିତ୍ର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ପୂଜକ କ୍ଷୀରୋଦ ଦାସଙ୍କ ଦ୍ୱାରା ଗୁରୁ କୃପାଳୁଜୀ ମହାରାଜ ଓ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ମହାନ୍ତି, ଭକ୍ତହରି ରାଉତ, ସ୍ନେହଲତା ମହାନ୍ତି, ବିପିନ ବିହାରୀ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିଭଳି ସନ୍ଥଶ୍ରୀ ଆଶାରାମଜୀ ବାପୁ ଅନୁପ୍ରାଣିତ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ଭଦ୍ରକ ଗୀତା ଭବନ ଠାରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସମିତି ସଭାପତି ଦୈତାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଗୁରୁପୂଜନ ଓ ପରେ ପରେ ଶ୍ରୀମଦ ଭଗବତ ଗୀତା ସହିତ ସାମୂହିକ ଭାବେ ଆଶାରାମାୟଣ ପାଠ ହୋଇଥିଲା । ଆୟୋଜିତ ଉତ୍ସବକୁ ଜିତେନ୍ଦ୍ର ନାୟକ, ଅଶୋକ କୁମାର ମିଶ୍ର, ତପନ କୁମାର ଓଝା ପ୍ରମୁଖ ପରିଚାଳନା କରିଥିଲେ।

# ଦ୍ୱାରଶୁଣି ଘାଟି ରାସ୍ତା ପ୍ରଶସ୍ତୀକରଣ ଦାବି ତେଜିଲା

## ଭଞ୍ଜସେନାର ୮ ଘଣ୍ଟିଆ ହରତାଳ

ବାଙ୍ଗିରିପୋଷି,୧୪।୭(ଡିଏନଏ)


ହରତାଳରେ ସାମିଲ ଭଞ୍ଜସେନା ଓ ଅନ୍ୟ ସଂଗଠନର କର୍ମକର୍ତ୍ତାମାନେ।

ମୟୂରଭଞ୍ଜ ଜିଲା ବାଙ୍ଗିରପୋଷି ବ୍ଲକ ଅଧୀନ ଦ୍ୱାରଶୁଣି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହି ରାସ୍ତାର ପ୍ରଶସ୍ତୀକରଣ ଦାବି କରିଛି ଜିଲାର ଅଗ୍ରଣୀ ଅଣରାଜନୈତିକ ସଂଗଠନ ଭଞ୍ଜସେନା। ସଂଗଠନ ପକ୍ଷରୁ ଏନେଇ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଇଥିଲେ ହେଁ କିଛି ପଦକ୍ଷେପ ଗ୍ରହଣ କରା ନ ଯିବା ପ୍ରତିବାଦରେ ଗୁରୁବାର ୮ ଘଣ୍ଟିଆ ହରତାଳ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତି ଏବଂ ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ୪୯ନଂ. ଜାତୀୟ ରାଜପଥ ଅବରୋଧ କରାଯଇଥିଲା। ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ, ବାଙ୍ଗିରିପୋଷି ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା, ତହସିଲଦାର ସତ୍ୟବାନ ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନକରୀଙ୍କୁ ବୁଝାସୁଝା କରିଥିଲେ। ବାଙ୍ଗିରିପୋଷି ବଣିକସଂଘର ସଭାପତି ପ୍ରଶାନ୍ତ ଦାସ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ବଜାର ବନ୍ଦ କରି ସମସ୍ତ ବ୍ୟବସାୟୀ ଏହି ବିକ୍ଷୋଭ ଓ ହରତାଳକୁ ସମର୍ଥନ କରିଥିଲେ। ବାଙ୍ଗିରିପୋଷି ଡ୍ରାଇଭର ମହାସଂଘ ଓ ଦିବ୍ୟାଙ୍ଗ ସଂଘ, ବାଙ୍ଗିରିପୋଷି ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା ମଧ୍ୟ ଏଥିରେ ସାମିଲ ହୋଇଥିଲେ।

ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପରେ ହରତାଳ ପ୍ରତ୍ୟାହୃତ ହୋଇଥିଲା। ଯଦି ସରକାର ଏ ଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ୨୮ ତାରିଖରେ ୪୮ ଘଣ୍ଟା ପର୍ଯ୍ୟନ୍ତ ଜାତୀୟରାଜ ପଥ ଅବୋରଧ କରାଯିବ ବୋଲି ମୟୂରଭଞ୍ଜ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି। ହରତାଳରେ ସଂଗଠନର ଜିଲା ଉପସଭାପତି ସନ୍ତୋଷ ଗିରି, ଜିଲା ମୁଖପାତ୍ର ମାନସ ବେହେରା, ଜିଲା ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲା ଯୁବ ଛାତ୍ର ସଂଯୋଜକ ଏସ୍‌କେ ରାଜା ଖାଁ, ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ବାଲେଶ୍ୱର ଷ୍ଟେଶନରେ ଲିଫ୍ଟ ଉଦ୍‌ଘାଟିତ

## ଏସ୍କାଲେଟର ନିର୍ମାଣ ପାଇଁ ଶିଳାନ୍ୟାସ

ବାଲେଶ୍ୱର ଅଫିସ, ୧୪।୭



ରେଳ ଷ୍ଟେଶନରେ ଏସ୍କାଲେଟର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଉଛି।

ବାଲେଶ୍ୱର ରେଳଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ଲାଗି ଦକ୍ଷିଣପୂର୍ବ ରେଳପଥ ଖଡ଼ଗପୁର ମଣ୍ଡଳ ୧ ଓ ୨ ନଂ. ପ୍ଲାଟଫର୍ମରେ ଦୁଇଟି ଲିଫ୍ଟ କାର୍ଯ୍ୟ ସମ୍ପାଦନ ପରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ଅପରାହ୍ନରେ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଉକ୍ତ ଦୁଇ ପ୍ଲାଟଫର୍ମରେ ଦୁଇଟି ଏସ୍କାଲେଟର ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ନୂତନ ଷ୍ଟେଶନ ଗୃହ ନିର୍ମାଣ ପାଇଁ ଯେଉଁ ପରିବାରମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିବ ସେମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସହିତ ରେମୁଣା ସହରାଞ୍ଚଳରେ ଜମି ଆବଣ୍ଟନ କରାଯିବ। ଏନେଇ ଏମ୍‌ପି ଷଡ଼ଙ୍ଗୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଷ୍ଟେଶନରେ ଏହି ବ୍ୟବସ୍ଥା ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯାତ୍ରୀଙ୍କ ଗତିବିଧିକୁ ସହଜ କରିବ। ୨୦୧୮-୧୯ ବର୍ଷରେ ମଞ୍ଜୁରକ୍ରମେ ୧୦.୭୧ କୋଟି ଟଙ୍କା ପ୍ରକଳ୍ପରେ ଷ୍ଟେଶନରେ ୨ଟି ଲିଫ୍ଟ ନିର୍ମାଣ କରାଯାଇଛି। ସେହିପରି ଆନୁମାନିକ ମୂଲ୍ୟ ୩.୯ କୋଟି ବ୍ୟୟରେ ୨ଟି ଏସ୍କାଲେଟର ବ୍ୟବସ୍ଥା ପାଇଁ ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ଖଡ଼ଗପୁର ରେଳ ପ୍ରବନ୍ଧକ ମନୋରଞ୍ଜନ ପ୍ରଧାନ, ଖଡ଼ଗପୁର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ରାଜେଶ କୁମାର ଏବଂ ରେଳ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ: ୮ ମଦ ବେପାରୀ ଗିରଫ

କୁଳିଅଣା/ଖୁଣ୍ଟା,୧୪।୭ (ସ୍ୱ.ପ୍ର./ଡି.ଏନ.ଏ.)

ବାରିପଦା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କୁଅଁରଙ୍କ ନିର୍ଦ୍ଦେଶକ୍ରମେ କୁଳିଅଣା ଅବକାରୀ ଥାନା, ବାରିପଦା ମୋବାଇଲ୍ ଟିମ୍ , ପୋଲିସ ଚଢାଉ କରି ୪୧୦୦ କିଲୋ ପୋଚ ନଷ୍ଟ ସହ ୧୫୯ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଖୁଣ୍ଟା ଓ ଉଦଳା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଉଦଳା ଅବକାରୀ ଇନ୍ସପେକ୍ଟର ଅଭିରାମ ବେହେରାଙ୍କ ନେତୃତ୍ୱରେ ବାହାନଡ଼ା ଗ୍ରାମର ଆରତୀ ସୋରେନଙ୍କଠାରୁ ୧୨ ଲିଟର, ନୂଆଗାଁ ଗ୍ରାମର ସିନଗୋ ଟୁଡୁଙ୍କଠାରୁ ୧୫, ସିମଗଡ଼ିଆର କପୁରା ଟୁଡୁଙ୍କଠାରୁ ୧୦, କେନ୍ଦୁଆମୁଣ୍ଡି ଗ୍ରାମର ଯମୁନା ବାସ୍କେଙ୍କଠାରୁ ୧୫ ଏବଂ ପୁରୁଣାପାଣି ଗ୍ରାମର ଚନ୍ଦନ ସିଂଙ୍କଠାରୁ ୧୦ ଲିଟର ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। କେନ୍ଦୁଆମୁଣ୍ଡି ଗ୍ରାମର ଏକ ସ୍ଥାନରେ ମଦ ପ୍ରସ୍ତୁତ କାରଖାନା ଠାବ କରାଯାଇଛି ।

## ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା

# ନ୍ୟାୟ ଦାବି କଲା ଛାତ୍ର କଂଗ୍ରେସ



ଖବରଦାତା ସମ୍ମିଳନୀରେ ଜିଲା ଛାତ୍ର କଂଗ୍ରେସ କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୧୪।୭

ବାଲେଶ୍ୱର ସହର କୁରୁଡ଼ାସ୍ଥିତ ଜ୍ୟୋତି ହସ୍ପିଟାଲର ପ୍ରଥମବର୍ଷ ନର୍ସିଂ ଛାତ୍ରୀ ଲିପ୍‌ସା ବେହେରାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଜିଲା ଛାତ୍ର କଂଗ୍ରେସ ନ୍ୟାୟ ଦାବି କରିଛି। ଏନେଇ ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ପୋଲିସ ଉକ୍ତ ମାମଲାକୁ ଗୁରୁତ୍ୱ ଦେଇ ଆଗାମୀ ୭ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ ନ କଲେ ଆନ୍ଦୋଳନ କରାଯିବ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଶେଖ ରେହେମତୁଲ୍ଲା ଚେତାବନୀ ଦେଇଛନ୍ତି। ଛାତ୍ରୀଙ୍କ ଘର ସୋର ଥାନା ସବିରା ଅଞ୍ଚଳରେ।

ନର୍ସିଂ ଛାତ୍ରୀ ଗତ ୩ ତାରିଖ ରାତି ୯ଟାରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହସ୍ପିଟାଲ କର୍ମଚାରୀ ଓ ଛାତ୍ରୀମାନେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କର ୯ତାରିଖରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହି ମୃତ୍ୟୁକୁ ତାଙ୍କ ମା'ବାପା ସହଜରେ ଗ୍ରହଣ କରିପାରି ନ ଥିବାବେଳେ ସଦର ଥାନାରେ ତାଙ୍କ ଝିଅକୁ ରାଗିଂ କରିବା ସହ ଆତ୍ମହତ୍ୟା କରିବା ପାଇଁ ବାଧ କରିଥିବା ଦୁଇଜଣ ଯୁବକଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କୁ କୌଣସି ପ୍ରକାର ପଚରାଉଚୁରା କରି ନ ଥିବା ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ପୋଲିସ ତଦନ୍ତ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଜୀବନ ମହାପାତ୍ର, ଲିପ୍‌ସା ବେହେରାଙ୍କ ମାମୁ ଅଜୟ ରାଉତ, ସୌରଭ ବେହେରା ଓ ଜିଲା ଛାତ୍ର କଂଗ୍ରେସର ସୋସିଆଲ ମିଡ଼ିଆ ସମ୍ପାଦକ ରଣଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାସୁଦେବପୁର, ୧୪।୭(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବରଣ୍ଡୁଆ ସ୍ଥିତ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠରେ ଏ(୧) ଗ୍ରେଡ୍‌ରେ ପାସ କରିଥିବା ୫ ଛାତ୍ରୀଛାତ୍ରଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଛାତ୍ରୀଛାତ୍ର ମାନେ ହେଲେ ସାଇ ଉପାସନା ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ ପୋଇ, ସ୍ୱପ୍ନାରାଣୀ ମଳିକ, ସାଇ ଆରାଧନା ମହାନ୍ତି ଓ ଅଭିଜିତ ପ୍ରଧାନ। ଏହି ୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଙ୍ଗାଧର ସେଠୀ, ଶିକ୍ଷକ ଶ୍ରୀକାନ୍ତ ପାକଳ, ସଂଯୁକ୍ତା ବେହେରା, ସୁଚିସ୍ମିତା ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ପ୍ରତିବାଦ, ଶୋଭାଯାତ୍ରା

## ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ

ବାରିପଦା ଅଫିସ/ଉଦଳା/ ରାଇରଙ୍ଗପୁର,୧୪।୭(ଡି.ଏନ.ଏ.)

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଭାରତର ଏକ ଭିନ୍ନ ବିଚାରଧାରାକୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କୁ ଆଦିବାସୀଙ୍କ ପ୍ରତୀକ କୁହାଯିବା ଉଚିତ ନୁହେଁ ବୋଲି କଂଗ୍ରେସ ମୁଖପାତ୍ର ଅଜୟ କୁମାର କହିବା ପରେ ଭାଜପା ପକ୍ଷରୁ ଏହାକୁ ଦୃଢ଼ ନିନ୍ଦା କରାଯାଇଛି। ଗୁରୁବାର ଭାଜପାର (ପୂର୍ବ) ସଭାପତି କାନ୍ଦରା ସୋରେନଙ୍କ ନେତୃତ୍ୱରେ କର୍ମକର୍ତ୍ତମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅଜୟ କୁମାର ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ମନ୍ତବ୍ୟ ଓଡ଼ିଶାବାସୀଙ୍କୁ କଷ୍ଟ ଦେଇଥିବା ବେଳେ ଜଣେ ମହିଳା, ଆଦିବାସୀ ଓ ଦଳିତଙ୍କୁ କଂଗ୍ରେସ ଅପମାନିତ କରୁଥିବା ନେଇ ଦଳର ବରିଷ୍ଠ ନେତା କବି ବିଷ୍ଣୁ ଶତପଥି ପ୍ରକାଶ କହିଛନ୍ତି । ସେହିପରି ଓଡ଼ିଆଙ୍କ ଭାବାବେଗକୁ କଂଗ୍ରେସ ଆଘାତ ଦେଇଥିବା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ମହିଳା ନେତ୍ରୀ ଶୋଭାବତୀ ହୋତା, ଓ ସୁମନ ସିଂ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଦାସ, ପ୍ରବୀଣ କୁମାର ପାତ୍ର, ଲକ୍ଷ୍ମୀଧର ହାବୋଡା, ରାଜ ଗୁପ୍ତା, ଭାଗ୍ୟଲକ୍ଷ୍ମୀ ନାଏକ, କୁମାର ମଙ୍ଗଳମ, ନିରଞ୍ଜନ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

ଉଦଳା ଭାଜପା ନେତା ଓ କର୍ମୀମାନେ ଏହାର ପ୍ରତିବାଦରେ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବାସନ୍ତୀ ମଣ୍ଡପ ଛକ ନିକଟରେ କଂଗ୍ରେସର ପ୍ରବକ୍ତା ଅଜୟ କୁମାର ଏବଂ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦି, ବରିଷ୍ଠ ନେତା କୋମଳ କୁମାର ଧଳ, ଏନ୍‌ଏସିର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ନଗର ସଭାପତି ଧୀରେନ ଖଣ୍ଡେଲୱାଲ, ଏନଏସି କାଉନସିଲର ବିଶ୍ୱରଞ୍ଜନ ମୋଦି, ଶୁଭଦୀପ ମହାନ୍ତି, ସଦର ମଣ୍ଡଳ ସଭାପତି ଜିତେନ ଦତ୍ତ, ବରିଷ୍ଠ ନେତା ବିଭୂତି ମହାନ୍ତ ପ୍ରମୁଖ ସାମିଲ ଥିଲେ।

ରାଇରଙ୍ଗପୁର ପଶ୍ଚିମ ମୟୂରଭଞ୍ଜ ଶାଖା ଭାଜପା ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଇରଙ୍ଗପୁର ସହରାଞ୍ଚଳ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକଠାରେ ଭାଜପା ନେତା ମନୋରଞ୍ଜନ ମହାନ୍ତି, ଇଶାନ ମିଶ୍ର, ମନୋଜ ଦାସ, ଯୁବନେତା ଆଲୋକ ମହାନ୍ତ, ବିକାଶ ରାୟ, ମିଥିଳା ଗୁଡ୍ଡୁ, ରଞ୍ଜିତା ମହାନ୍ତ ଓ କିଶୋର ମହାନ୍ତ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ ମୁଖପାତ୍ର ଅଜୟ କୁମାର ଓ ରାହୁଲ ଗାନ୍ଧୀଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ।



ଭାଜପା ପକ୍ଷରୁ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# କୈଳାସ ହେଲେ ମାଣିତ୍ରୀ ସମିତି ସଭାପତି

## କଳ୍ପନାଜଳ୍ପନାର ଅନ୍ତ

ଖଇରା, ୧୪।୭(ଡି.ଏନ.ଏ.)

ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଶିଷ୍ଟ ଭାଜପା ନେତା କୈଳାଶ ଗଡପଲ୍ଲା ମହାପାତ୍ର ଖଇରା ବ୍ଲକ ଅଧୀନ ମାଣିତ୍ରୀ ସେବା ସମବାୟ ସମିତିର ସଭାପତି ଆସନ ହାସଲ କରିଛନ୍ତି। ମୋଟ ୧୫ଜଣ ସଦସ୍ୟଙ୍କ ମଧ୍ୟରୁ କୈଳାସଙ୍କୁ ୯ଜଣଙ୍କୁ ସମର୍ଥନ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ସମର୍ଥିତ ପ୍ରାର୍ଥୀ ଚନ୍ଦନ କୁମାର ସେଣ୍ଠଙ୍କୁ ୬ଜଣଙ୍କ ଭୋଟ ମିଳିଥିଲା । ନିର୍ବାଚନ ପରିଚାଳନା ଅଧିକାରୀ ଅଶୋକ କୁମାର ମିଶ୍ର ଫଳାଫଳ ଘୋଷଣା କରିବା ପରେ ସଭାପତି ମହାପାତ୍ର ନିଜର ସମର୍ଥିତ ସଭ୍ୟ ଶରତ ଦାସ, ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଅନାମ ଦାସ, ମୃତ୍ୟୁଞ୍ଜୟ ମହାନ୍ତି, ସୁବଳ ସାହୁ, ରମାକାନ୍ତ ସ୍ୱାଇଁ, ତିଳୋତ୍ତମା ସେଠୀ, ଗୀତାରଣୀ ରାଉତ ତଥା ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ମହାନ୍ତି, ମାଣିତ୍ରୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ମହେଶ୍ୱର ରାଉତଙ୍କ ସହ ବିଜୟ ଉତ୍ସବ ପାଳନ କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ସମର୍ଥକମାନେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ। କୈଳାସ ମହାପାତ୍ର ତାଙ୍କର ବିଜୟର ଶ୍ରେୟ ବଡଜୟିପୁର, ରପେୟା, ଗର୍ସଙ୍ଗ, ମାଣିତ୍ରୀ, ଝିଙ୍କିରିଆ ପଞ୍ଚାୟତର ଚାଷୀଙ୍କୁ ପ୍ରଦାନ କରିଛନ୍ତି ।


ନବନିଯୁକ୍ତ ସଭାପତି କୈଳାସ ଗଡପଲ୍ଲା ମହାପାତ୍ର ସମର୍ଥକଙ୍କ ସହ ବିଜୟ ଉତ୍ସବ ପାଳନ କରୁଛନ୍ତି।

# ପେଟ୍ରୋଲ ପମ୍ପରେ ଭଙ୍ଗାରୁଜା କରି ୪୦ ହଜାର ଲୁଟ୍

ସୋର, ୧୪।୭(ଡି.ଏନ.ଏ.)

ସୋର ଥାନା ଅଧୀନ ନୂଆଗାଁ ଛକ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଆସି ୫ଜଣ ଯୁବକ ଭଙ୍ଗାରୁଜା କରିବା ସହିତ କର୍ମଚାରୀମାନଙ୍କୁ ଛୁରୀରେ ଆକ୍ରମଣ କରି ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ରାତି ୧୦ଟାରେ ଏହି ପେଟ୍ରୋଲ ପମ୍ପକୁ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ତେଲ ପକାଇବା ପରେ କର୍ମଚାରୀଙ୍କ ସହିତ ବଚସା ହୋଇଥିଲା। ଏହା ପରେ ସେମାନେ ଅନ୍ୟ ୨ ଜଣ ଯୁବକଙ୍କୁ ଫୋନ୍ କରି ଡାକିବା ପରେ ଘଟଣା ଉଗ୍ରରୂପ ଧାରଣ କରିଥିଲା। ସେମାନେ ପମ୍ପର କାଚ ଭଙ୍ଗାରୁଜା କରିବା ସହିତ କର୍ମଚାରୀମାନଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଆକ୍ରମଣରେ ୫ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆୟୁଷ୍ମାନ ମହାନ୍ତି, ମ୍ୟାନେଜର ଅଜିତ କୁମାର ଦାସ, ପ୍ରୀତିଶ ରଞ୍ଜନ ବେହେରାଙ୍କ ସମେତ ଅନ୍ୟ ୨ ଜଣ କର୍ମଚାରୀ ଅଛନ୍ତି। ଦୁର୍ବୃତ୍ତମାନେ ପେଟ୍ରୋଲ ପମ୍ପକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେବା ସହିତ କର୍ମଚାରୀଙ୍କ ନିକଟରେ ଥିବା ୪୦ ହଜାର ଟଙ୍କା ଛଡ଼ାଇ ନେଇଥିବା କର୍ମଚାରୀମାନେ ଥାନାରେ ଅଭିଯୋଗ କରିଛନ୍ତି। ସୋର ପୋଲିସ୍ ଏବଂ ହାଇୱେ ପେଟ୍ରୋଲିଂ ଟିମ୍ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସମସ୍ତ ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ବେଳେ ପୋଲିସ ଅଭିଯୋଗ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଗାଁକୁ ପଶିପାରିଲାନି ଆମ୍ବୁଲାନ୍ସ

# କାନ୍ଧରେ ବୁହାହେଲେ ରୋଗୀ

## ବିଡିଓଙ୍କୁ ଅଟକ ରଖିଲେ ଗ୍ରାମବାସୀ

ଜଳେଶ୍ୱର, ୧୪।୭(ଡି.ଏନ.ଏ.)


ରୋଗୀଙ୍କୁ କାନ୍ଧରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ବରକୋଣା ଗାଁକୁ ଯାତାୟାତ ଲାଗି ସବୁଦିନିଆ ରାସ୍ତା ନାହିଁ। ଜରୁରୀ ସମୟରେ ଦମକଳ କିମ୍ବା ଆମ୍ବୁଲାନ୍ସ ପଶିପାରୁନାହିଁ। ରୋଗୀଙ୍କୁ ଜଳେଶ୍ୱର-ଚୁରମରା ମୁଖ୍ୟ ରାସ୍ତାର ମାଳଗଡିଆଠାରେ ଅଟକି ରହୁଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପଡୁଛି। ସେହି ଗାଁର କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କ ସ୍ତ୍ରୀ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ପରିବାର ଓ ପଡୋଶୀ ଲୋକେ ଏକ ଖଟିଆରେ ଦେଢ କି.ମି. ଚାଲି ଚାଲି ଆସି ମାଳଗଡିଆ ମୁଖ୍ୟ ରାସ୍ତା ନିକଟକୁ ଆଣିଥିଲେ । ଏ ସମ୍ପର୍କରେ ଜଳେଶ୍ୱର ଭାରପ୍ରାପ୍ତ ବିଡିଓ ସ୍ମୃତିରଞ୍ଜନ ମଲ୍ଲିକ ଜାଣି ଘଟଣାସ୍ଥଳକୁ ଯାଇଥିଲେ। ତାଙ୍କ ସହିତ ସରପଞ୍ଚ ଶୁଭସ୍ମିତା ଦାସ, ସରପଞ୍ଚ ପ୍ରତିନିଧି ପ୍ରବୀର ଦାସ, ଜିପିଓ ମାୟାଧର ମଲ୍ଲିକ, ମଙ୍ଗଳ ଅଧିକାରୀ ସୁଜୟ ଚାନ୍ଦ ଓ ଜେଇ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗାଁ ଲୋକେ ତାଙ୍କୁ ଘେରିଯାଇ ଦୀର୍ଘଦିନରୁ ହେଉଥିବା ଦାବିକୁ ପ୍ରଶାସନ କାହିଁକି ଶୁଣୁନାହାନ୍ତି ବୋଲି ପ୍ରଶ୍ନ କରିବା ସହିତ ଅବିଳମ୍ବେ ରାସ୍ତା ନିର୍ମାଣ କରିବାକୁ ଅଡି ବସିଥିଲେ। ଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ବିଡିଓଙ୍କୁ ଗାଁ ଲୋକେ ଅଟକ ରଖିଥିବା କୁହାଯାଇଛି। ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ବାର, ଆଇଆଇସି ରୋଜାଲିନ୍ ବେହେରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ଆସନ୍ତା ଦିନରେ ମରାମତି ହେବାର ପ୍ରତିଶ୍ରୁତି ମିଳିବା ପରେ ଗାଁ ଲୋକେ ବିଡିଓଙ୍କୁ ଛାଡିଥିଲେ।

